## ସଂକ୍ଷେପରେ

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
### ୨୯ ମଧ୍ୟରେ ଆବେଦନ

**ଢେଙ୍କାନାଳ ଅଫିସ,୧୯।୧୨:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୨-୨୩ ବର୍ଷ ପାଇଁ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଆସନ୍ତା ୨୯ ତାରିଖ ମଧ୍ୟରେ ଆବେଦନ କରିବା ପାଇଁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ୬୦ରୁ ୭୫ବର୍ଷ ମଧ୍ୟରେ ହୋଇଥିବା ମହିଳା ଓ ପୁରୁଷମାନେ ସେମାନଙ୍କ ଆର୍ଥିକ ଦୁର୍ବଳ ଶ୍ରେଣୀ ପ୍ରମାଣପତ୍ର ଓ ବୟସ ପ୍ରମାଣପତ୍ର, ୨ଟି ଫଟୋ ସହିତ ଆବେଦନପତ୍ରକୁ ପୂରଣ କରି ଆବେଦନ କରିବେ ବୋଲି କୁହାଯାଇଛି। ଯେଉଁମାନେ ପୂର୍ବରୁ ଏହି ଯୋଜନାରେ ସୁଯୋଗ ପାଇଛନ୍ତି ସେମାନେ ପୁନର୍ବାର ଆବେଦନ କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି। ଆବେଦନପତ୍ର ଜିଲା କାର୍ଯ୍ୟାଳୟ, ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଓ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ମିଳୁଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ପାଣି ମୋଟର ଚୋରି

**ଅନୁଗୋଳ ଅଫିସ,୧୯।୧୨:** ଅନୁଗୋଳ ଜିଲା ନାଲ୍କୋ ଥାନା କାଣ୍ଡସର ଅଞ୍ଚଳରେ ନୂଆ ଘର କରିଥିବା ନିରଞ୍ଜନ ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ପାଣିମୋଟର ଚୋରି କରି ନେଇଛନ୍ତି। ନିରଞ୍ଜନଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୩୭୯/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ସକାଳେ ନିରଞ୍ଜନ ଘରକୁ ଯାଇଥିବା ସମୟରେ ମୋଟର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।

# ମାଟିରେ ମିଶିଲା ୨୫୬ ମିଟର ଉଚ୍ଚ ଚିମିନୀ

■ବ୍ଲାଷ୍ଟିଂ ପାଇଁ ବ୍ୟବହାର ହୋଇଥିଲା ୭୫୦ କେଜି ବିସ୍ଫୋରକ

■ବିପଦ ଆଶଙ୍କାରେ ଥିବା ଗ୍ରାମବାସୀ ହେଲେ ଆଶ୍ୱସ୍ତ

**ଢେଙ୍କାନାଳ ଅଫିସ,୧୯।୧୨**


ବ୍ଲାଷ୍ଟିଂ ଯୋଗୁ ଚିମିନୀ ମାଟି ଉପରକୁ ଖସିପଡୁଛି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମ ନିକଟରେ କାର୍ଯ୍ୟକ୍ଷମ ହେବା ପୂର୍ବରୁ ବନ୍ଦ ହୋଇଯାଇଥିବା ଲାନ୍‌କୋ ବାବନ୍ଧ ପାୱାର ପ୍ଲାଣ୍ଟ ବିକ୍ରି ସରିଥିଲେ ମଧ୍ୟ ଏହା ପରିସରରେ ଥିବା ୨୫୬ ମିଟର ଉଚ୍ଚ ଚିମିନୀ ଭଙ୍ଗାଯାଇ ନ ଥିଲା। ଫଳରେ ଏହାକୁ ନେଇ ବିପଦ ଆଶଙ୍କା କରି କୁରୁଣ୍ଟି ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପ୍ରଶାସନ ପକ୍ଷରୁ ଏହାକୁ ଭାଙ୍ଗିବାକୁ ରାଜସ୍ଥାନର ଏକ୍ସକ୍ୟୁଡ୍ ଏକ୍ସପ୍ଲୋସିଭ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ପୂର୍ବରୁ ୨ ଥର ବିଫଳ ହୋଇଥିବା ଉକ୍ତ ସଂସ୍ଥା ସୋମବାର ତୃତୀୟ ଉଦ୍ୟମରେ ସଫଳ ହେବା ସହ ମାତ୍ର କିଛି କ୍ଷଣ ମଧ୍ୟରେ ବିଶାଳ ଚିମିନୀକୁ ବ୍ଲାଷ୍ଟିଂ କରି ମାଟିରେ ମିଶାଇ ଦେଇଥିଲା।

ପ୍ରକାଶ ଯେ, ପରିଚାଳନାଗତ ତ୍ରୁଟି ଏବଂ ଅବ୍ୟବସ୍ଥା ଯୋଗୁ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଲାନ୍‌କୋ ବାବନ୍ଧ ପାୱାର ପ୍ଲାଣ୍ଟ ବନ୍ଦ ହୋଇଯାଇଥିଲା। ଫଳରେ ୨୦୨୧ ମସିହାରେ ଏନ୍‌ସିଏଲ୍‌ଟି ଦ୍ୱାରା ଏହି ପ୍ଲାଣ୍ଟକୁ ନିନାରା ନାମକ ଏକ କମ୍ପାନୀକୁ ବିକ୍ରି କରିଦିଆଯାଇଥିଲା। କିଣିଥିବା କମ୍ପାନୀ ଏହାର ସମସ୍ତ ଯନ୍ତ୍ରାଂଶ କାଟି ନେଇଥିଲା। ହେଲେ ଏହା ପରିସରରେ ଥିବା ୨୫୬ ମିଟର ଉଚ୍ଚ ଚିମିନୀକୁ ଭାଙ୍ଗି ନ ଥିଲା। ଫଳରେ ଏହାକୁ ନେଇ କୁରୁଣ୍ଟି ଗ୍ରାମବାସୀ ବିପଦ ଆଶଙ୍କା କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପ୍ରଶାସନ ଏହାକୁ ନନ୍ ଇଲେକ୍ଟ୍ରିକାଲ ସିଷ୍ଟମରେ ଭାଙ୍ଗିବା ପାଇଁ ରାଜସ୍ଥାନର ଏକ୍ସକ୍ୟୁଡ୍ ଏକ୍ସପ୍ଲୋସିଭ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଅଭିଜ୍ଞ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଥିଲା। ଉକ୍ତ ସଂସ୍ଥା ପ୍ରଥମେ ଗତ ଅକ୍ଟୋବର ୧୩ରେ ଚିମିନୀ ଭାଙ୍ଗିବାକୁ ଉଦ୍ୟମ କରିଥିଲା। ୩୫୦ କେଜିର ବିସ୍ଫୋରକ ଲଗାଇ ବ୍ଲାଷ୍ଟିଂ କରିଥିଲେ ମଧ୍ୟ ଫେଲ ମାରିଥିଲା। ନଭେମ୍ବର ୧୭ରେ ଦୁଇଗୁଣା ଅଧିକ ଆର୍ଥାତ ୭୫୦ କେଜିର ବିସ୍ଫୋରକ ଲଗାଇ ଭାଙ୍ଗିବାକୁ ଉଦ୍ୟମ କରିଥିଲା। ହେଲେ ଏହାର ନିମ୍ନାଂଶରୁ କିଛି ଅଂଶ ଭାଙ୍ଗି ଯାଇଥିଲା। ଶେଷରେ ସୋମବାର ସଂସ୍ଥାର ନିର୍ଦ୍ଦେଶକ ଆନନ୍ଦ ଶର୍ମାଙ୍କ ନେତୃତ୍ୱରେ ୨୦ ଜଣିଆ ବିଶେଷଜ୍ଞ ଦଳ ୭୫୦ କେଜି ବିସ୍ଫୋରକ ଲଗାଇ ୬ରୁ ୭ ସେକେଣ୍ଡ ମଧ୍ୟରେ ଚିମିନୀକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇବାରେ ସଫଳ ହୋଇଥିଲେ। ଏହା ଦେଶର ସବୁଠାରୁ ବଡ ଚିମିନି ବ୍ଲାଷ୍ଟିଂ ସଫଳତା ବୋଲି ସଂସ୍ଥାର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ତେବେ ଧ୍ୱଂସ ପୂର୍ବରୁ ନିକଟସ୍ଥ ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଥିଲା। ଚିମିନୀ ନିକଟରେ ବିରାଟକାୟ ଗାତ ଖୋଳାଯାଇ ସେଥିରେ ପାଣି ଭରାଯାଇଥିଲା। ଯୋଜନା ସଫଳ ହେବା କ୍ଷଣି ସଂସ୍ଥାର ନିର୍ଦ୍ଦେଶକ, ଇଞ୍ଜିନିୟର ଓ କର୍ମଚାରୀ ଖୁସିରେ ନାଚି ଉଠିବା ଦେଖାଯାଇଥିଲା। ଘଟଣା ସ୍ଥଳରେ ପ୍ରଶାସନ ପକ୍ଷରୁ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ସମେତ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।


ବ୍ଲାଷ୍ଟିଂ ପରେ ଖୁସି ମନାଉଛନ୍ତି ନିର୍ଦ୍ଦେଶକ ଓ ବିଶେଷଜ୍ଞମାନେ।

### ମହାବୀର କ୍ରିକେଟ ଟୁର୍ନାମେଣ୍ଟ
## ଧଳଗିରିକୁ ହରାଇ ଢେଙ୍କାନାଳ ବିଜୟୀ

**ଢେଙ୍କାନାଳ ଅଫିସ,୧୯।୧୨**

ଯୋରନ୍ଦା ମହିମାଗାଦିସ୍ଥିତ ମହାବୀର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଯାଜପୁର ଧଳଗିରି ଏବଂ ଢେଙ୍କାନାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଟିମ୍ ବିଜୟୀ ହୋଇଥିଲା। ଢେଙ୍କାନାଳ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୪ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିଥିଲା। ଜବାବରେ ଧଳଗିରି ଦଳ ସମସ୍ତ ଉଇକେଟ ହରାଇ ୧୫ ଓଭରରେ ମାତ୍ର ୧୧୦ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଉତ୍ତମ ସାମନ୍ତ ସର୍ବାଧିକ ୩୨ ବଲରୁ ୪୯ ରନ କରିଥିଲେ। ଢେଙ୍କାନାଳ ଦଳ ପକ୍ଷରୁ ବୋଲର ସୁଲେମାନ ୩ ଓଭର ବୋଲିଂ କରି ୧୦ ରନ ବ୍ୟୟରେ ୪ ଗୋଟି ଉଇକେଟ ଅକ୍ତିଆର କରିଥିଲେ। ଢେଙ୍କାନାଳ ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ୫୦ଟି ବଲରୁ ୧୪୧ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ହିମାଂଶୁ ପୋଥାଲ ଉପସ୍ଥିତ ଥିଲେ। ସତ୍ୟଜିତ ନାୟକ ଓ ସବ୍ୟସାଚୀ ସାହା ଖେଳ ପରିଚାଳନା କରିଥିଲେ। ଅଗ୍ନିଦୀପ ନାୟକ ଓ ପପୁ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ଢେଙ୍କାନାଳ ଓ ସୁନ୍ଦର ଗାଁ ମଧ୍ୟରେ ଅନୁଷ୍ଠିତ ହେବ।

## ଗଣିତ ବିଭାଗ ପକ୍ଷରୁ ପାଠଚକ୍ର

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ ଗତ ୧୦ ତାରିଖରୁ ଚାଲିଥିବା ପାଠଚକ୍ର ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ 'ଏଥିକ୍ସ ଆଣ୍ଡ୍ ଭାଲ୍ୟୁଜ' ଉପରେ ଆଲୋକପାତ କରିଥିଲେ। ସେହିପରି 'ମଲ୍‌ଟି ଅବଜେକ୍ଟିଭ୍ ଆଣ୍ଡ୍ ଅପଟିମାଇଜେଶନ' ଉପରେ ଦୀପାଞ୍ଜଳି ସାହୁ, ଡ. ପି.କେ. ପରିଡା ନୂତନ ଶିକ୍ଷାନୀତି, ପି. ମହାପାତ୍ର 'ରିସର୍ଚ୍ଚର୍ସ ମେଥୋଡୋଲୋଜି', ଡି.କେ. ନାୟକ 'ମାଥମେଟିକାଲ ଭିୟୁ ଅଫ୍ କମ୍ପ୍ୟୁଟର ସାଇନ୍ସ' ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ କୁଳପତି ପ୍ରଫେସର ଜି. ଦାସ ଲିଟେରେଚର ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରଶ୍ମି ମିଶ୍ର ପିଲାମାନଙ୍କୁ କ୍ୟାରିୟରର ଉନ୍ନତି ସମ୍ପର୍କରେ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଡ. ସୁରେଖା ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗଣିତରାଣୀ ସଙ୍ଗୀତକୁ ନେଇ ଏକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଦୀପାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଗଣିତ ବିଭାଗ ପକ୍ଷରୁ ଅନୁଷ୍ଠିତ ପାଠଚକ୍ରରେ ଅଧ୍ୟକ୍ଷ ଓ ଅନ୍ୟମାନେ।

## ୪୧୪ ୟୁନିଟ୍ ରକ୍ତ ସଂଗ୍ରହ


ବଜରଙ୍ଗ କ୍ଲବ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳ ସହରର ଅଗ୍ରଣୀ ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ୨୮ତମ ଆଦର୍ଶ ରକ୍ତଦାନ ଶିବିର ମୁଖ୍ୟ ଷ୍ଟାଡିୟମ୍ ଫାଟକ ନିକଟ ସାଇ ହଷ୍ଟେଲ୍ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଚ୍.ଡି.ଏଫ୍.ସି. ବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ଶିବିରରେ ମୋଟ୍ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, କାଉନସିଲର ଅଭିମନ୍ୟୁ ପଣ୍ଡା, କାଉନସିଲର ଲିପିକା ଦାସ, କାଉନସିଲର ସସ୍ମିତା ଭଞ୍ଜ, ଶୁଭଲକ୍ଷ୍ମୀ ସାହୁ, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ ଓ ଢେଙ୍କାନାଳ ଚାମ୍ବର ଅଫ୍ କମର୍ସ ସଭାପତି ରାଜେନ୍ଦ୍ର କୁମାର ହିନ୍ଦୋଚା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସମ୍ପାଦକ ଶୁଭେନ୍ଦୁ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସ୍ମଲ୍, ବରିଷ୍ଠ ସଭ୍ୟ ସୁବ୍ରତ ଦାସ, ଦେବାଶିଷ ଦାସ, ରତିରଞ୍ଜନ ପଣ୍ଡା, ଶଶି ଭୂଷଣ ପରିଡା, ସିଦ୍ଧାର୍ଥ ପ୍ରୀତମ୍ ମହାନ୍ତି, ସଞ୍ଜୀବ ପଣ୍ଡା, ଆଦିତ୍ୟ ନାରାୟଣ ପାଣି, ଦେବାଶିଷ ମିଶ୍ର, ସଙ୍କଟ ଭଞ୍ଜନ ବେହେରା, ସୌମ୍ୟରଞ୍ଜନ ପାଢୀ, ବିକାଶ ହିନ୍ଦୋଚା, ସଭ୍ୟ ସଞ୍ଜୟ ବେହେରା, ରବୀନ୍ଦ୍ର ସୋନି, ପି.ଆଞ୍ଜନେୟ, ରାଜେଶ ବେହେରା, ଦେବାଶିଷ ନାୟକ, ଦେବାଶିଷ ମହାପାତ୍ର, ବିଭୁପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ରାକେଶ ପାତ୍ର, ବଜରଙ୍ଗ କ୍ଲବ ସୂଚନା ଓ ପ୍ରସାରଣ ବିଭାଗର ମୁଖ୍ୟ ପ୍ରବୀଣ ସାହୁ, କଙ୍କଡାହାଡ ବଜରଙ୍ଗ କ୍ଲବ ସଭାପତି ଜିତେନ୍ଦ୍ର ବେହେରା, ସମ୍ପାଦକ ବିଶ୍ୱଜିତ ବେହେରା, ସଭ୍ୟ ମଳୟ ବିନ୍ଧାଣୀ, ବନମାଳିପ୍ରସାଦ ଶାଖାର ରାକେଶ ରାଉତ, ମଠକରଗୋଳା ଶାଖାର ସମସ୍ତ ସଦସ୍ୟଙ୍କ ସମେତ ବଜରଙ୍ଗ କ୍ଲବର ସମସ୍ତ କନିଷ୍ଠ ସଭ୍ୟ ଜ୍ୟୋତି ପ୍ରକାଶ ବେହେରା, ସୂର୍ଯ୍ୟକାନ୍ତ ବେହେରା, ପ୍ରୀତମ ମହାନ୍ତି, ଶୁଭମ ବେହେରା, ଅମର ବେହେରା, ଶୁଭମ ଗୁରୁଙ୍ଗ, ବୁବୁଲ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଢେଙ୍କାନାଳ ରକ୍ତଭଣ୍ଡାର ଅଧିକାରୀ ଜୟନାରାୟଣ ପାଢ଼ି, ଟେକ୍‌ନିସିଆନ୍ ପରମାନନ୍ଦ ପଣ୍ଡା, ରୋହିତ ଦାସ, ବିଜୟ ସେନାପତି, ମାନସ ବେହେରା, ରାଜେନ୍ଦ୍ର କୁମାର ମଲ୍ଲିକ, ଷ୍ଟାଫ୍‌ନର୍ସ ବିନୋଦିନୀ ଯୋଗାନିଆ ଓ ମାଳତୀଲତା ନାୟକ, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ତପନ ଜେନା, ବରୁଣ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ର ସ୍ୱାଗତ ଉତ୍ସବ ସହିତ ଏକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଭଗବାନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପାଠଚକ୍ରର ଆଲୋଚକ ଭାବେ ମହିମା ମହାବିଦ୍ୟାଳୟ ଯୋଗଦାର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା କୁମାରୀ ଗୀତାଞ୍ଜଳି ସାହୁ ଯୋଗ ଦେଇ 'ଓଡିଆ ଆଧୁନିକ ନାଟକରେ ଲୋକନାଟ୍ୟ ଶୈଳୀର ପ୍ରୟୋଗ' ଶୀର୍ଷକ ଆଲୋଚନାରେ ଭାଗ ନେଇ ୧୯୬୦ ପରବର୍ତ୍ତୀ ଆଧୁନିକ ନାଟକ ଗୁଡିକରେ ଲୋକନାଟକର ବିଭିନ୍ନ ଶୈଳୀ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦୀପ୍ତି ରଞ୍ଜନ ମହାଳିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚିକାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନୂତନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବୈକୁଣ୍ଠନାଥ ମିଶ୍ର ସହଯୋଗ କରିଥିଲେ। ଗଁଦିଆ ଡିଜିଟାଲ ମେଡିଆ ସଭାପତି ପ୍ରଦୀପ ଦାସ ଉପସ୍ଥିତ ଥିଲେ। ଶେଷରେ ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଦେବୋଲିନ କଲେଜ କୁଇନ୍



ବିଜୟୀ ହେବା ପରେ ଦେବୋଲିନ ବରାଳଙ୍କୁ ମୁକୁଟ ପିନ୍ଧାଯାଉଛି।

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ଦେବୋଲିନ ବରାଳ ତରଙ୍ଗ ମ୍ୟୁଜିକ୍ କଲେଜ କୁଇନ ପ୍ରତିଯୋଗିତାରେ ଚଳିତ ବର୍ଷର ବିଜୟିନୀ ହୋଇଛନ୍ତି। ଫ୍ୟାଶନ ଓ ନୃତ୍ୟ କ୍ଷେତ୍ରରେ ନିଜର ଚମତ୍କାରିତା ପ୍ରତିପାଦିତ କରି ଦେବୋଲିନ କଲେଜ କୁଇନ୍ ମୁକୁଟ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଢେଙ୍କାନାଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ, ସାଥୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରାୟ ୨ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେବୋଲିନ ଏହି କୃତିତ୍ୱ ହାସଲ କରିପାରିଛନ୍ତି। ଏଥିପୂର୍ବରୁ ସେ ଢେଙ୍କାନାଳ ଜିଲାରେ ବିଭିନ୍ନ ସାଂସ୍କୃତିକ ଉତ୍ସବରେ ର୍‍ୟାମ୍ପ ଶୋ, ନୃତ୍ୟ ଏବଂ ଅନ୍ୟ ଟ୍ୟାଲେଣ୍ଟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହେବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି। ଦେବୋଲିନ ବର୍ତ୍ତମାନ ଭୁବନେଶ୍ୱରର ଏକ ସ୍କୁଲରେ ଯୁକ୍ତ୨ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ସେ ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ବାସିନ୍ଦା ଯୁବ ଆଇନଜୀବୀ ଦ୍ୱିତୀକୃଷ୍ଣ ବରାଳ ଓ ଜିଲା କାର୍ଯ୍ୟାଳୟର ରାଜସ୍ୱ ବିଭାଗ ସହାୟିକା ଦେବଦର୍ଶିନୀ ସ୍ୱାଇଁଙ୍କ ଜ୍ୟେଷ୍ଠ କନ୍ୟା। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହେବା ଲକ୍ଷ୍ୟ ରଖି ସେ ଉଦ୍ୟମ ଆରମ୍ଭ କରିଛନ୍ତି।

## ଅନୁଷ୍ଠାନ ଆଗକୁ ବଢ଼ିଲେ ପ୍ରତିଭା ବିକଶିତ ହେବେ



### ସଙ୍ଗମ ମହୋତ୍ସବ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନିତା ନୃତ୍ୟାଙ୍ଗନାର ବାର୍ଷିକ ଉତ୍ସବ ସଙ୍ଗମ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ନଗରପାଳ ସୁନୀଲ ଶର୍ମା କହିଲେ ଯେ, କଳା ସଂସ୍କୃତି ଅନୁଷ୍ଠାନ ଆଗକୁ ବଢାଇବାରେ ଗୁରୁ ଓ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନୁଷ୍ଠାନ ଆଗକୁ ବଢିଲେ ପ୍ରତିଭାମାନେ ବିକଶିତ ହେବେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଳ୍ପୀ ପରେଶ ପଟ୍ଟନାୟକ କହିଥିଲେ, ନିଷ୍ଠା ଓ ଲକ୍ଷ୍ୟ ରହିଲେ ପ୍ରତ୍ୟେକ କଳାକାର ଆଗକୁ ବଢିବାରେ ସୁଯୋଗ ପାଇବେ। ସମ୍ମାନିତ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ଅଧ୍ୟାପକ ଡ. ଦେବାନନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି କ୍ଷେତ୍ରରେ ଢେଙ୍କାନଳର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ସୁଚିସ୍ମିତା ମାନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଆଶିଷ ପାଲ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ଦେବାନନ୍ଦ ଦାସଙ୍କୁ ନିତା ନୃତ୍ୟାଙ୍ଗନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବହୁ ବ୍ୟକ୍ତି ବିଶେଷ ଓ ପ୍ରତିଯୋଗିତା ଗୁଡିକରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଣେଶ ବନ୍ଦନା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।


ସଙ୍ଗମ ମହୋତ୍ସବ ଉଦ୍‌ଯାପନୀ ଅବସରରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୧୯।୧୨(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ବରହମ ଗ୍ରାମର ଟିଙ୍କି ମାଝି, ସନତ ପ୍ରଧାନ, ବିଜୟ ମାଝି ଏବଂ ଦାମଦରପୁର ଗ୍ରାମର ସଞ୍ଜୟ ନାୟକଙ୍କୁ ଗିରଫ କରାଯାଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀ ଧର ପ୍ରହରାଜ ଚଢ଼ାଉ କରିଥିଲେ।

### ପଞ୍ଚାୟତରେ ଭଙ୍ଗାରୁଜା ଅଭିଯୋଗ

**ବଇଣ୍ଡା,୧୯।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଟାପଡୋଲ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ସାନଦାଦର ଗ୍ରାମର ସନ୍ତୋଷ ପ୍ରଧାନ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ସରପଞ୍ଚ ଚନ୍ଦ୍ର ଶେଖର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୩୩୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ସମୟରେ ସନ୍ତୋଷ ଆସି ପଞ୍ଚାୟତ କାର୍ଯ୍ୟାଳୟ କବାଟ ଭାଙ୍ଗିବା ସହ ଭିତରେ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପରାକାଷ୍ଠାର ମିଳୁନି ପ୍ରମାଣ

- ଆଠମଲ୍ଲିକ ଉପଖଣ୍ଡର ୪୭ ପଞ୍ଚାୟତକୁ ମାତ୍ର ୨୯ ପିଇଓ
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଭିନ୍ନ ଯୋଜନାର ହିତାଧିକାରୀ
- ସରକାରୀ ଉଦାସୀନତାରୁ ବଢ଼ୁଛି ଜନ ଅସନ୍ତୋଷ

**ବଇଣ୍ଡା, ୧୯।୧୨ (ପରିକ୍ଷିତ ସାହୁ)**




ଜନଙ୍କ ପାଇଁ ହେଉଛି ନାନା ଯୋଜନା। ବିକାଶର ସୁଫଳ ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ବାରମ୍ବାର ଦିଆଯାଉଛି ବଚନ। ହେଲେ ଅନେକ ପଞ୍ଚାୟତରେ ମିଳୁନି ସରକାରୀ ପରାକାଷ୍ଠାର ବଳିଷ୍ଠ ପ୍ରମାଣ। କାରଣ ଦୀର୍ଘଦିନ ଧରି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପଦବୀ ଖାଲି ପଡୁଥିଲେ ମଧ ପୂରଣ ଦିଗରେ ଦିଆଯାଉନି ଆବଶ୍ୟକ ଧ୍ୟାନ। ଫଳରେ ଏଠାରେ ଅସମ୍ପୂର୍ଣ୍ଣ ରହିଯାଉଛି ବହୁ ଉନ୍ନତୀକରଣ କାର୍ଯ୍ୟ। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୧୮ ପଞ୍ଚାୟତରେ ଦେଖିବାକୁ ମିଳୁଛି ଏହାର ଉଦାହରଣ। ଉପଖଣ୍ଡରେ ଥିବା ପିଇଓ ପଦବୀ ତୁଳନାରେ କମ୍ ସଂଖ୍ୟକ ନିଯୁକ୍ତ ହୋଇଥିବାରୁ ସୃଷ୍ଟି ହେଉଛି ଏପରି ସମସ୍ୟା।

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ବ୍ଲକରେ ରହିଛି ୨୩ ପଞ୍ଚାୟତ। ସେଥିରୁ ବିଲେଇନାଳି, ହିମିତିରା, କଦଳୀମୁଣ୍ଡା, ଧଉରାପାଲି, ବାମୁର ପଞ୍ଚାୟତରେ ଜଣେ ଲେଖାଏ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଛନ୍ତି। ହେଲେ ଜାମୁନାଳୀ, ଗାଁ ବଇଣ୍ଡା, ନୁନୁକାପଶି, କଣ୍ଟେଇକୋଳିଆ, ହଣ୍ଡପା, ଲୁହାମୁଣ୍ଡା, ନାକିଚି, ଠେଲକନାଳି, ଉରୁକୁଳା, କଟରଙ୍ଗା, ଧଡରପାଳ, ଅଙ୍ଗପଡା, ଜଏରାଟ, ଓସ୍କାପାଲି, ଆମ୍ବପାଳ, ରଣିଆକଟା, ଝରାବେରେଣୀ, ସଞ୍ଚାମୁରା ପଞ୍ଚାୟତ ଦାୟିତ୍ୱରେ ମାତ୍ର ୯ ଜଣ ପିଇଓ ଅଛନ୍ତି। ଜଣେ ପିଇଓ ଏକାଧିକ ପଞ୍ଚାୟତରେ କାର୍ଯ୍ୟ ପରିଚାଳନା କରୁଥିବାରୁ ସମସ୍ତ ଯୋଜନା ଆଗେଇ ନେବାକୁ ଆବଶ୍ୟକ ସମୟ ପାଉନାହାନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଦୈନିକ ପଞ୍ଚାୟତ ଅଫିସ ଧାଉଁଥିବା ହିତାଧିକାରୀମାନଙ୍କ ସମସ୍ୟାର ସମାଧାନ କରିପାରୁନାହାନ୍ତି। ଏପରି କି ଗୋଟିଏ ପଞ୍ଚାୟତରେ ସପ୍ତାହକୁ ୩ ଦିନ ଲେଖାଏ ଏମାନେ କାମ କରୁଥିବାରୁ ବିକାଶ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ସେହିପରି ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ମଧ୍ୟରୁ ସାନହୁଲା, ଆମ୍ବସରମୁଣ୍ଡା, ଲୁହାସିଙ୍ଗା, କମ୍ପଲା, ଟାପଡୋଲ, କୁଦଗାଁ ପଞ୍ଚାୟତରେ ଜଣେ ଲେଖାଏ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଅନ୍ୟ ୧୮ଟି ପଞ୍ଚାୟତ ଦାୟିତ୍ୱ ୯ଜଣ ପିଇଓ ସମ୍ଭାଳୁଛନ୍ତି। ତେଣୁ କିଶୋରନଗର ପରି ଏଠାରେ ମଧ ସମାନ ସମସ୍ୟା ଉପୁଜୁଛି। ପଞ୍ଚାୟତ ଅଫିସରେ ଅଧିକାଂଶ ସମୟ ପିଇଓଙ୍କୁ ନ ପାଇ ଲୋକଙ୍କୁ ନିରାଶରେ ଫେରିବାକୁ ପଡୁଛି ବୋଲି କଣ୍ଟେଇକୋଳିଆ ଅଞ୍ଚଳର ହିତାଧିକାରୀ କନ୍ଦର୍ପ କାନ୍ଧିଆ ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ ଭତ୍ତା ଆବେଦନ କରିଥିବା ନୂଆ ଆବେଦନକାରୀଙ୍କୁ ଚିହ୍ନଟ କରିବାରେ ପିଇଓମାନଙ୍କୁ ସମୟ ମିଳିପାରୁ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ପାଇଁ ମଧ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ହରିଚନ୍ଦ୍ର ଯୋଜନାରେ ଲୋକଙ୍କୁ ଅର୍ଥ ମିଳୁ ନ ଥିବା ଅଭିଯୋଗ ସାଧାରଣରେ ବଢ଼ିବାରେ ଲାଗିଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତ ହେଉ ନ ଥିବା ଯୋଗୁ ବହୁ ଅସୁବିଧା ସୃଷ୍ଟି ହେଉଛି। ଅନେକ ପିଇଓଙ୍କୁ ୨ଟି ଲେଖାଏ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଖାଲିପଡିଥିବା ପଦବୀ ପୂରଣ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।

### କମ୍ପ୍ୟୁଟର ତାଲିମପ୍ରାପ୍ତଙ୍କୁ ନିଯୁକ୍ତି ଦିଆଯାଉ



ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ଖାଲି ପଡ଼ିଥିବା ପିଇଓ ପଦବୀ ପୂରଣ ହେଉ ନ ଥିବା ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ସମସ୍ୟା ନେଇ ପଞ୍ଚାୟତ ଅଫିସକୁ ଆସୁଥିବା ହିତାଧିକାରୀମାନେ ନିରାଶ ହୋଇ ଫେରୁଛନ୍ତି। ସରକାର ଡିଜିଟାଲ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବାରୁ ତାଲିମପ୍ରାପ୍ତ ପିଇଓଙ୍କୁ ନିଯୁକ୍ତି ଦିଆଯାଉ।

-ଅଞ୍ଜନ କୁମାର ପ୍ରଧାନ, ଆଇନଜୀବୀ

### କାଗଜପତ୍ର କାର୍ଯ୍ୟ ହୋଇପାରୁ ନାହିଁ



ପିଇଓ ନିଯୁକ୍ତି ହେଉ ନ ଥିବା ଯୋଗୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ସରକାରୀ ଫାଇଲ କାର୍ଯ୍ୟ ମଧ ହୋଇପାରୁନାହିଁ। ତୁରନ୍ତ ସରକାର ନୂତନ ପିଇଓ ନିଯୁକ୍ତ କରିବା ଦିଗରେ ପଦକ୍ଷେପ ନିଅନ୍ତୁ।

-ମମତା ପାତ୍ର, ସରପଞ୍ଚ, ପୁରୁଣାମାଣତ୍ରି

### ପଦବୀ ପୂରଣରେ ସରକାର ବିଫଳ



ପଞ୍ଚାୟତର ବିକାଶରେ ପିଇଓଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୀର୍ଘଦିନ ହେଲା ବହୁ ପଦବୀ ଖାଲି ପଡ଼ିଥିଲେ ମଧ ତାହା ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ପଞ୍ଚାୟତର ନାନା କାର୍ଯ୍ୟ ଅଟକି ରହୁଥିବାରୁ ଶୀଘ୍ର ପିଇଓ ନିଯୁକ୍ତି କରାଯାଉ।

-ରାଜେନ୍ଦ୍ର ସାହୁ, ବଇଣ୍ଡା

### ଯୋଜନାର ସୁଫଳ ପହଞ୍ଚିପାରୁନି



ପିଇଓ ପଦବୀ ଖାଲି ପଡିଥିବା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

-ଜିତେନ୍ଦ୍ର କୁମାର ସାହୁ, ସରପଞ୍ଚ, ଅଙ୍ଗପଡା

### ଅଧିକାରୀମାନେ ପଦକ୍ଷେପ ନିଅନ୍ତୁ



ଅନେକ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ନ ଥିବାରୁ ଅଫିସରେ ତାଲା ଝୁଲୁଛି। ଫଳରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ହିତାଧିକାରୀମାନେ ଫେରିଯିବାକୁ ବାଧ ହେଉଛନ୍ତି। ସରକାରୀ ଯୋଜନାର ସମୀକ୍ଷା କରୁଥିବା ବ୍ଲକସ୍ତରୀୟ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବା ଉଚିତ।

-କମଳ ଲୋଚନ ସାହୁ, ଇଚ୍ଛାପୁର

## ୩୧ ଭିନ୍ନକ୍ଷମଙ୍କ ଚିକିତ୍ସା

**ଆଠମଲ୍ଲିକ, ୧୯।୧୨ (ଡି.ଏନ.ଏ.)**

ଆଠମଲ୍ଲିକ ସହରସ୍ଥିତ କଇଁତ୍ରାଗଡ଼ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୧ ଜଣ ଭିନ୍ନକ୍ଷମଙ୍କ ଚିକିତ୍ସା କରାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଡିଇସିର ଏକ ଟିମ୍ ଆସି ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ ଡାକ୍ତରୀ ଟିମ୍‌ରେ ଡା. ସରିତ ସାଗର ନାୟକ (ଫିଜିଓଥେରାପିଷ୍ଟ), ଡା. ତୃପ୍ତିମୟୀ ସାହୁ, ରଶ୍ମିତା ଦେହୁରୀ, ଡା. କିଶୋର ଚନ୍ଦ୍ର ସାହୁ, ଡା. ସୁଲଳିତା ସାହୁ, ଡା. ବିଶ୍ୱମ୍ବର ସାହୁ, ଡା. ପ୍ରୀତିବନ୍ୟା ପ୍ରଧାନ, ଫାର୍ମାସିଷ୍ଟ ନିରଞ୍ଜନ ସାହୁ, ଏଏନ୍‌ଏମ୍ ସଂଯୁକ୍ତା ସାହୁ, ଶ୍ରୀନୁ ସୁଭଦର୍ଶିନୀ, ସୁଜିତ ପ୍ରଧାନ, ଶୁଭ୍ରାନ୍ତି ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସମୁଦାୟ ୩୧ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ଥେରାପି ଦିଆଯାଇଥିଲା। ଏହା ବ୍ୟତୀତ ଶରୀରକୁ କେମିତି ଯତ୍ନ ନେବେ ଓ ଠିକ୍ ସମୟରେ ଔଷଧ ଖାଇବେ ସେ ନେଇ ପରାମର୍ଶ ଦିଆଯାଇଥିଲା।



ଚିକିତ୍ସା ଯୋଗାଇ ଦେଇଥିବା ଡାକ୍ତରୀ ଟିମ୍।

## ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କୁ ଦାବିପତ୍ର

**ତାଳଚେର, ୧୯।୧୨ (ନି.ପ୍ର.)**



ତାଳଚେର ବ୍ଲକ ବହ୍ଲର ଛକଠାରୁ ବଙ୍ଗୁ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରୁ ପାଣି ଆସୁଥିବା ପାଇପ୍ ଲାଇନ୍ କଚା ରାସ୍ତାକୁ ସିମେଣ୍ଟ କଂକ୍ରିଟ୍ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ସ୍ୱାଇଁ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଯୋଗଦେଇଥିଲେ। ଏହି ଅବସରରେ ଯୁବନେତା ସଂଗ୍ରାମ କେଶରୀ କୁଅଁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପାଇପ୍ ଲାଇନ୍ ରାସ୍ତା ମରାମତି ହେବା ଦୂରର କଥା ମୋରମ ମୁଠାଏ ପଡିନାହିଁ। ଫଳରେ ଏହା ଶୋଚନୀୟ ଅବସ୍ଥାରେ ରହିଛି। ଉଭୟ ପାର୍ଶ୍ୱରେ ଜନବସତି ହେବା ସଙ୍ଗେ ସଙ୍ଗେ ତିନୋଟି ଘରୋଇ ଚିକିତ୍ସାଳୟ ଗଢ଼ିଉଠିଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ରୋଗୀ ଯାତାୟାତ କରୁଛନ୍ତି। କିନ୍ତୁ ବର୍ଷା ହେଲେ ଚଳପ୍ରଚଳ କରିବା କଷ୍ଟକର ହୋଇପଡୁଛି। ସେହିପରି ଗ୍ରାମ ଦେବତୀଙ୍କ ମନ୍ଦିରକୁ ଯିବାଆସିବା କରୁଥିବା ଶ୍ରଦ୍ଧାଳୁ ଅସୁବିଧା ଭୋଗୁଛନ୍ତି। ଏହାକୁ କଂକ୍ରିଟ୍ ରୋଡ୍ ନିର୍ମାଣ କରାଗଲେ ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ରୋଗୀମାନେ ସୁବିଧାରେ ଯାତାୟାତ କରିପାରିବେ। ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସରପଞ୍ଚ ଗିତିମୟୀ ରଥ, ଗୋପବନ୍ଧୁ ସାହୁ, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଲିବ ସରକାରୀ ଶିଳ୍ପ ତାଲିମକେନ୍ଦ୍ର

**ପାଲଲହଡା, ୧୯।୧୨ (ଡି.ଏନ.ଏ.)**

ପାଲଲହଡା ବ୍ଲକରେ ନୂତନ ଭାବେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ସହକାରୀ ନିବନ୍ଧକ କାର୍ଯ୍ୟାଳୟ ଖୋଲିବାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ପାଲଲହଡା ବିଧାୟକଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ସ୍ଥାନୀୟ ରାଜପଥ ଡାକବଙ୍ଗଳାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେଏହି ସୂଚନା ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପାଲଲହଡ଼ା ବିଧାନସଭା କ୍ଷେତ୍ର ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସହଯୋଗ ଜାରି ରଖିଛନ୍ତି। ତାଳପଦାଠାରେ ବ୍ରାହ୍ମଣୀ ନଦୀ ଉପରେ ସୁଉଚ୍ଚ ସେତୁ, ପ୍ରତିପରିବାରକୁ ପାନୀୟଜଳ ଯୋଗାଣ, ଖଣି ଖାଦାନ ପ୍ରଭାବିତ ଅଞ୍ଚଳ ଯୋଜନାରେ ପାଲଲହଡା ବ୍ଲକର ସମସ୍ତ ଅପହଞ୍ଚ ଅଞ୍ଚଳକୁ ରାସ୍ତା ନିର୍ମାଣ, ନୂତନ ବସଷ୍ଟାଣ୍ଡ ଗୃହ, ଚାଷଜମିକୁ ଜଳସେଚନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ବିଧାୟକ ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷା ଗିନାରାଣୀ ନାଏକ, ବିଜେଡି ଜିଲା ଉପସଭାପତି ନରେନ୍ଦ୍ର ଭୁକ୍ତା, ଦିଲୀପ ଉଦାବଳ, ନବକିଶୋର ନାଏକ ଏବଂ ବ୍ଲକ ସଭାପତି ଗଙ୍ଗାଧର ଜିତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ଓ ବିଜେଡି କର୍ମକର୍ତ୍ତାମାନେ।

## ଭାଗନେଲେ ୭୨ ଛାତ୍ରୀଛାତ୍ର

**ବଇଣ୍ଡା,୧୯।୧୨(ଡି.ଏନ.ଏ.)**



କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂସଦ ଉପ ସଭାପତି ମନୋଜ କୁମାର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମିଶ୍ର, ଘନଶ୍ୟାମ ସାହୁ, ବିନୀତା ପ୍ରଧାନ, ଗଣପତି ସ୍ୱାଇଁ, ସଚ୍ଚିଦାନନ୍ଦ ସାହୁ, ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୯ଟି ଉଚ୍ଚବିଦ୍ୟାଳୟର ୭୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତାରେ ପାର୍ଥସାରଥି ପ୍ରଧାନ ପ୍ରଥମ, ପାୟଲ ସାହୁ ଦ୍ୱିତୀୟ, ପ୍ରିୟବ୍ରତ ସାହୁ, ଗଣେଶ ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସଙ୍ଗୀତରେ ରୋଜାଲିନ ବେହେରା ପ୍ରଥମ, ସୌମ୍ୟା ପ୍ରିୟଦର୍ଶିନୀ ବେହେରା ଦ୍ୱିତୀୟ, ଝାନ୍ସିରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ଜ୍ଞାନରେ ପ୍ରିୟାଂଶୁ ପ୍ରଧାନ ପ୍ରଥମ, କୀର୍ତ୍ତିମୟୀ ସାହୁ ଦ୍ୱିତୀୟ, ସ୍ମୃତିଶ୍ରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ ପୀୟୂଷ ଗଡ଼ନାୟକ ପ୍ରଥମ, ସିଦ୍ଧାନ୍ତ ବେହେରା ଦ୍ୱିତୀୟ, ନିବେଦିତା ସାହୁ, ତଅପୋଇ ବେହେରା ଯୁଗ୍ମ ତୃତୀୟ ଭାବେ ବିବେଚିତ ହୋଇଛନ୍ତି।

## ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ଛେଣ୍ଡିପଦା,୧୯।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କୋଶଳା ଶିବ ମନ୍ଦିର ପରିସରରେ ଥିବା ଦାନ ହୁଣ୍ଡିକୁ ଗତ ରବିବାର ରାତିରେ ଭାଙ୍ଗି ଟଙ୍କା ଚୋରି କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ମନ୍ଦିର ପୂଜାରୀ ଜିତୁ ମହାପାତ୍ର ସନ୍ଧ୍ୟା ଧୂପ ସାରି ମନ୍ଦିର ତାଲା ପକାଇ ଘରକୁ ଯାଇଥିଲେ। ସୋମବାର ସକାଳେ ଜିତୁ ପୂଜା କରିବା ପାଇଁ ମନ୍ଦିର ଖୋଲିବାକୁ ଯିବାବେଳେ କବାଟ ତାଲା ଭଙ୍ଗାଯାଇଥିବା ଓ ହୁଣ୍ଡି ଭିତରେ ଥିବା ଦାନ ଅର୍ଥ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୂଜକ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ମନ୍ଦିର ଦାନହୁଣ୍ଡି ୩ମାସ ହେବ ଖୋଲା ହୋଇ ନ ଥିବା ବେଳେ ସେଥିରେ ଥିବା ଦାନ ଅର୍ଥ ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ବଇଣ୍ଡା/ ଆଠମଲ୍ଲିକ,୧୯।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କରଡାସିଙ୍ଗଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ବହୁଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ବିଶେଷକରି ଶିକ୍ଷକ ନିଯୁକ୍ତି କରାଯାଉ ନ ଥିବା ଯୋଗୁ ସୋମବାର ଗ୍ରାମବାସୀ ଓ ଶିକ୍ଷା କମିଟି ପକ୍ଷରୁ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଇଛି। ଗ୍ରାମବାସୀ କହିଛନ୍ତି, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ଏଠାରେ ମାତ୍ର ଜଣେ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଯେଉଁଦିନ ଶିକ୍ଷକ ଅନୁପସ୍ଥିତ ରହୁଛନ୍ତି ସେହିଦିନ ବିଦ୍ୟାଳୟରେ ତାଲା ଝୁଲୁଛି। ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ବହୁବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନ ସମ୍ପର୍କରେ ଖବରପାଇ ଶିକ୍ଷା ବିଭାଗର ୨ ଜଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ଏ ନେଇ ଆଠମଲ୍ଲିକ ବିଇଓ ଦାସରଥି ଶୁଣ୍ଡୀ କୁହନ୍ତି, ସମସ୍ୟା ସମାଧାନ ଉପରେ ପଦକ୍ଷେପ ନିଆଯିବ।




ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଥିବା ଗ୍ରାମବାସୀ।

## ରାଜ୍ୟସ୍ତରୀୟ ଫୁଟବଲ: ନାଲ୍‌କୋ ଚାମ୍ପିୟନ

**ତାଳଚେର, ୧୯।୧୨ (ନି.ପ୍ର.)**



ତାଳଚେରଠାରେ ଚାଲିଥିବା ପଣ୍ଡିତ ରଘୁନାଥ ମୁର୍ମୁ ଚ୍ୟାଲେଞ୍ଜ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଫ୍‌ସିଆଇ ରଘୁନାଥ ସ୍ପୋର୍ଟିଂ କ୍ଲବ ଦ୍ୱାରା ଆୟୋଜିତ ୧୧ ତମ ରାଜ୍ୟସ୍ତରୀୟ ଏହି ଟୁର୍ନାମେଣ୍ଟ ଏଫସିଆଇ ବକ୍ସି ଜଗବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚରେ ଏଫସିଆଇକୁ ୨-୦ରେ ହରାଇ ନାଲ୍‌କୋ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଭାଜପା ନେତା ତଥା ଆଞ୍ଚଳିକ ଠିକା ମଜଦୁର ସଂଘ ସଭାପତି ବିରଞ୍ଚି ସାହୁ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ସିଂହ, ଯଯାତି ପଟ୍ଟନାୟକ, ଶ୍ରମିକ ନେତା ଅରୁଣ ପ୍ରଧାନ, ସାମାଜିକ କର୍ମୀ ବିଭୂତି ସାହୁ, ଏଟିଏମ୍‌ଏସ୍ ସାଧାରଣ ସମ୍ପାଦକ ବିଜୟ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ରଙ୍ଗାଧର ନାହାକ, ମଣ୍ଡଳ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଜସ୍ମିନ ପ୍ରଧାନ, ପ୍ରାକ୍ତନ ମଣ୍ଡଳ ସଭାପତି ହରମୋହନ ମିଶ୍ର, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବ ସଭାପତି ରଞ୍ଜିତ ହେମ୍ବ୍ରମ, ଅର୍ଜୁନ କିସ୍କୁ, ସମ୍ପାଦକ ଅର୍ଜୁନ ମାରାଣ୍ଡି, ଅଜିତ କୁମାର ଦାସ, କୁନା ବେହେରା, ଶ୍ୟାମ ମୁର୍ମୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

## ଜିନ୍ଦଲ ଡେୟାର ଡେଭିଲ୍ସ ଚାମ୍ପିୟନ

**ଅନୁଗୋଳ ଅଫିସ, ୧୯।୧୨**




ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସ୍‌ପି)ର ଜିନ୍ଦଲ ଅଫିସର୍ସ କ୍ଲବ (ଜେଓସି) ଦ୍ୱାରା ଆୟୋଜିତ ଆନ୍ତଃ-ବିଭାଗୀୟ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁରକ୍ଷା ବିଭାଗର ଖେଳାଳିଙ୍କୁ ନେଇ ଗଠିତ ଡେୟାର ଡେଭିଲ୍ସ ମହିଳା ଦଳ ଜିନ୍ଦଲ ମହିଳା ସମିତି (ଜେଏମ୍‌ଏସ୍)କୁ ୯ ଉଇକେଟରେ ପରାସ୍ତ କରିଥିଲା। ଜେଏସପି ଇସ୍ପାତ ବ୍ୟବସାୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀନେଶ କୁମାର ସରୋଗୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ପିଏଲ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ହୃଦୟ ଶଙ୍କର ଝା, ସୁଜତା ସରୋଗୀ, ଅନୀତା ମିତ୍ତଲ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଟସ୍ ଜିତିବା ପରେ ଡେୟାର ଡେଭିଲ୍ସ ଦଳ ଜିନ୍ଦଲ ମହିଳା ସମିତି ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଜେଏମ୍‌ଏସ୍ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୩୮ ରନ୍ ସ୍କୋର କରିଥିଲା। ତେବେ ଡେୟାର ଡେଭିଲ୍ସ ଦଳ ୬.୩ ଓଭରରେ ୧ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ୩ ଓଭର ବୋଲିଂ କରି ହରପ୍ରିୟା ନାୟକ ୭ ରନ୍ ବିନିମୟରେ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ତାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଭାବେ ଘୋଷଣା କରାଯାଇଥିଲା।

## ସଂକ୍ଷେପରେ

### ୟୁଥ୍ ସ୍ପୋର୍ଟିଂ ତାଳଚେର ବିଜୟୀ

ଢେଙ୍କାନାଳ ଅଫିସ,୧୯।୧୨- ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବପଡା ରୟାଲ ଟାଇଗର କ୍ରିକେଟ କ୍ଲବ ଦ୍ୱାରା ଚାଲିଥିବା ୪ର୍ଥ ଆମ୍ବପଡା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଲିଗ୍ ମ୍ୟାଚରେ ୟୁଥ୍ ସ୍ପୋର୍ଟିଂ ତାଳଚେର, ଗୋଲକୁଣ୍ଡ ଦଳ ଯାଜପୁରକୁ ହରାଇ ବିଜୟୀ ହୋଇଛି। ଯାଜପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ରନ କରିଥିଲା। ଜବାବରେ ୟୁଥ୍ ସ୍ପୋର୍ଟିଂ ଦଳ ୭ ଉଇକେଟରେ ୧୭୮ରନ କରି ବିଜୟୀ ହୋଇଥିଲା। ଅଜିତ ଶତପଥୀ ଓ ପ୍ରିୟବ୍ରତ ମିଶ୍ର ଖେଳ ପରିଚାଳନା କରିଥିଲେ। ଆଦି କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରୀମନ୍ତ ପାଣିଗ୍ରାହୀ ଓ ସୁଶାନ୍ତ ପଣ୍ଡା ସ୍କୋରର ଭାବେ ରହିଥିଲେ। ସୁବ୍ରତ ନାୟକ, ଜୟନ୍ତ ଦାସ, ଗଗନ ନାୟକ, ନରେଶ ମହାନ୍ତି, ବିଶ୍ୱରଞ୍ଜନ ପଣ୍ଡା, ପଞ୍ଚାନନ ମହାନ୍ତି, ରିଙ୍କୁ ଲେଙ୍କା ସହାୟତା କରିଥିଲେ। ମଙ୍ଗଳବାର ଢେଙ୍କାନାଳ ଓ ତାଳଚେର ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

### ବ୍ରାଉନସୁଗାର, ଗଞ୍ଜେଇ ଜବତ: ୨ ଗିରଫ

ଅନୁଗୋଳ ଅଫିସ,୧୯।୧୨- ଅନୁଗୋଳ ଜିଲା କୋଲିୟରୀ ଥାନା ପୋଲିସ ଦେଉଳବେଡ଼ା କଲୋନୀ ନିକଟରେ ଥିବା ମଙ୍ଗଳା ମନ୍ଦିରଠାରେ ସୋମବାର ଚଢାଉ କରି ବ୍ରାଉନସୁଗାର ଏବଂ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦେଉଳବେଡ଼ା ଅଞ୍ଚଳର ସୟନି ଜେନାମଣି(୪୦) ଓ ଲିଜା ଜେନାମଣି(୨୨)ଙ୍କୁ ଗିରଫ କରାଯାଇଛି। କୋଲିୟରୀ ଥାନା ଏସ୍ଆଇ ସ୍ୱରୂପ ରଞ୍ଜନ ପତ୍ରିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୮୧/୨୨ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ପାଇଁ ଏସ୍ଆଇ ପି.କେ. ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ସୂଚନାଯୋଗ୍ୟ,ଏସ୍ଆଇ ସ୍ୱରୂପ ରଞ୍ଜନ ପତ୍ରି କୋଲିୟରୀ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଦେଉଳବେଡ଼ା କଲୋନୀ ନିକଟସ୍ଥ ମଙ୍ଗଳା ମନ୍ଦିର ଠାରେ ଅଭିଯୁକ୍ତା ୨ ମହିଳା ବ୍ରାଉନସୁଗାର ଓ ଗଞ୍ଜେଇ ବିକ୍ରି କରୁଥିବା ଖବର ପାଇଥିଲେ। ଏହାପରେ ପୋଲିସ ଚଢାଉ କରି ୨ ମହିଳାଙ୍କୁ ଗିରଫ କରିଥିଲା। ପୋଲିସ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ସଚିଦାନନ୍ଦ ନାୟକଙ୍କ ଉପସ୍ଥିତିରେ ଯାଞ୍ଚ କରିବା ସମୟରେ ବ୍ରାଉନସୁଗାର ଓ ଗଞ୍ଜେଇ ସହ ୧୫୦୦ ଟଙ୍କା ପାଇଥିଲା। ଏହି ଘଟଣାରେ ଅନ୍ୟ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଥିବା ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଅନୁଗୋଳ ଅଫିସ,୧୯।୧୨- ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ବେନ୍ତପୁର କମରପଶି ଗ୍ରାମର ଅନିଲ ନାଏକ(୧୯)ଙ୍କୁ ଗିରଫ କରିଛି। ଛାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୦୧୨/୨୨ରେ ମାମଲା ରୁଜୁ କରିଥିଲା। ପୋଲିସ କହିଛି, ରବିବାର ଛାତ୍ରୀ ଜଣଙ୍କ ସ୍କୁଲ ଓ ଟ୍ୟୁସନ୍ ଯିବା ସମୟରେ ଅନିଲ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଛାତ୍ରୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୨୧ରୁ ସର୍ବଭାରତୀୟ ଅନୁଗୋଳ କ୍ରିକେଟ୍ କପ୍

**ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ଗୌତମ ଗମ୍ଭୀର**




ଅନୁଗୋଳ ଅଫିସ, ୧୯।୧୨

ଅନୁଗୋଳ ଜିଲା କ୍ରିକେଟ୍ ସଂଘ (ଏଡିସିଏ) ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବ। ଏ ନେଇ ଆସନ୍ତା ବୁଧବାରଠାରୁ ସ୍ଥାନୀୟ କଦମ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ୮ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଏଡିସିଏ ପକ୍ଷରୁ ସଭାପତି ତଥା ଓସିଏ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ କଦମ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଶ୍ୱକପ୍ ବିଜେତା ଭାରତୀୟ ଦଳର ପୂର୍ବତନ ଓପନର ଗୌତମ ଗମ୍ଭୀର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସୂଚନା ଅନୁଯାୟୀ, ଅନୁଗୋଳ କଦମ ପଡ଼ିଆରେ ସର୍ବଭାରତୀୟ ଅନୁଗୋଳ କ୍ରିକେଟ୍ କପ୍ ଆସନ୍ତା ବୁଧବାର ଠାରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ସମସ୍ତ ମ୍ୟାଚ୍ ଗୁଡ଼ିକ ଟି-୨୦ ଫର୍ମାଟ୍‌ରେ ଆୟୋଜନ କରାଯିବ। ଓଡ଼ିଶା ପୋଷ୍ଟାଲ, ସୋଲର କ୍ରିକେଟ୍ କ୍ଲବ, ୟୁନିୟନ୍ ସ୍ପୋର୍ଟିଂ, ଜାମସେଦ୍‌ପୁର ଇଲେଭେନ୍, ଅନୁଗୋଳ କ୍ରିକେଟ୍ କ୍ଲବ, କଲିକତା ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ, ଏନ୍‌ସିଏ ଭିଲାଇ ଦଳ ଏଥିରେ ଅଂଶ ଗ୍ରହଣ କରିବେ। ଅନୁଗୋଳ ଜିଲା କ୍ରିକେଟ୍ ସଂଘର ରୌପ୍ୟ ଜୟନ୍ତୀ ଓ ଅନୁଗୋଳ ଜିଲାର ୩୦ ବର୍ଷ ପୂର୍ତ୍ତି ଅବସରରେ ଟୁର୍ନାମେଣ୍ଟକୁ ସ୍ମରଣୀୟ କରିବାକୁ ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିସହ ଜିଲାର ବହୁ ବରିଷ୍ଠ ଖେଳାଳିଙ୍କ ସହ ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରିଥିବା ପ୍ରତିଭାବାନ ଖେଳାଳିଙ୍କୁ ଏହି ଅବସରରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲାରେ କିଭଳି ପ୍ରତାଭା ବାହାରିବେ ଓ ରାଜ୍ୟ ତଥା ଦେଶ ପାଇଁ ଖେଳିବେ ସେ ନେଇ ଏବେଠାରୁ ଖସଡ଼ା ପ୍ରସ୍ତୁତ କରାଯାଇଥିବା ସଭାପତି କହିଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ସାଗରନାଥ ମିଶ୍ର ବରିଷ୍ଠ ସଦସ୍ୟ ଓ ଖେଳାଳିଙ୍କ ଜିଲା ସଂଘ ପ୍ରତି ରହିଥିବା ଅବଦାନ ବିଷୟରେ ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ ସେକ୍ ରଫିକ୍ ଅନୁଗୋଳ ଜିଲାରେ କ୍ରିକେଟ୍ ଖେଳକୁ ଆଗକୁ ନେବା ପାଇଁ ପଞ୍ଚାୟତ ସ୍ତରରେ ପ୍ରତିଭାବାନ ଖେଳାଳି ଖୋଜିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖେଳାଳି ତଥା ସଦସ୍ୟ ମାୟାଧର ମିଶ୍ର, ବରିଷ୍ଠ ସଦସ୍ୟ ଶିବ ରାଉତ, ଉପସଭାପତି ପ୍ରଭାତ କୁମାର ସିହ୍ନା, ଉପସଭାପତି ଅରୁଣ କୁମାର ପୁଷ୍ପାଳକ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସଦସ୍ୟ ବୀରେନ ସାମଲ ଓ ଜଗଦୀଶ ସିଂହ, ଦୀପକ ସାହୁ, ଜୟକୃଷ୍ଣ ରାଉତ ଓ ଉତ୍ତାନପାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ କ୍ରୀଡ଼ା ସମାରୋହ

ଢେଙ୍କାନାଳ ଅଫିସ,୧୯।୧୨

ଢେଙ୍କାନାଳ ଜିଲା ମହିମାଗାଦୀ ଯୋରନ୍ଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଢେଙ୍କାନାଳ ସଙ୍କୁଳର ୯ଟି ବିଦ୍ୟାଳୟକୁ ନେଇ ସଙ୍କୁଳ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଢେଙ୍କାନାଳର ସଭାପତି ବାବୁଚାନ୍ଦ ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳ ସଂଯୋଜକ ନଗେନ କୁମାର ଦାସ ସଙ୍କୁଳ କ୍ରୀଡ଼ାର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋରନ୍ଦା ଶିଶୁ ମନ୍ଦିର ସଭାପତି ପ୍ରସନ୍ନ କୁମାର ରାଉତ, ସମ୍ପାଦକ ଉପେନ୍ଦ୍ର ସାହୁ, ବିଦ୍ୟତ ପରିଷଦ ସଭ୍ୟା ମନୋଜ ମଞ୍ଜରୀ ଲେଙ୍କା ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରମୁଖ ଚିନ୍ତାମଣି ନାଥ କ୍ରୀଡା ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



ସଙ୍କୁଳ କ୍ରୀଡା ସମାରୋହରେ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଦଳରେ ଢେଙ୍କାନାଳର ୧୦ ଖେଳାଳି

**ସର୍ବଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା ହକି**

ଢେଙ୍କାନାଳ ଅଫିସ,୧୯।୧୨

ଉତ୍ତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା ହକି ପ୍ରତିଯୋଗିତା ପାଇଁ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ଟ୍ରେନ୍ ଯୋଗେ ବନାରସ ଯାତ୍ରା କରିଛନ୍ତି। ୟୁପି ଗସ୍ତରେ ଯାଇଥିବା ହକି ଦଳରେ ଢେଙ୍କାନାଳର ୧୦ ଜଣ ମହିଳା ଖେଳାଳି ସ୍ଥାନ ପାଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪ଜଣ, ଓଡାପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଜଣେ ଓ ପାରିମାଳ ଡିଗ୍ରୀ ମହାବିଦ୍ୟାଳୟର ୫ଜଣ ଖେଳାଳି ଅନ୍ତର୍ଭୁକ୍ତ। କୋଚ୍ ଭାବେ ବାବୁଲା ପ୍ରସାଦ ମହାନ୍ତି ଓ ସାଇ ପ୍ରସାଦ ଦଳେଇ ଦଳକୁ ପ୍ରଶିକ୍ଷଣ ଦେଉଥିଲେ।



କୋଚ୍‌ଙ୍କ ସହ ଢେଙ୍କାନାଳର ମହିଳା ଖେଳାଳିମାନେ।

# ମେଡିକାଲରୁ ମୃତଦେହ ଜବତ

ଅନୁଗୋଳ ଅଫିସ, ୧୯।୧୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ ଚାଲୁଥିବା ନୂତନ ଅଟ୍ଟାଳିକାରୁ ଏକ ମୃତଦେହ ଜବତ କରାଯାଇଛି। ମୃତକ ହେଲେ କୋଲିୟରୀ ଥାନା ବଲଣ୍ଡା ଅଞ୍ଚଳର ଫଗୁ ମହନ୍ତ (୨୧)। ପୋଲିସ କହିଛି, ଫଗୁ ମେଡିକାଲ ପରିସରରେ ଚାଲିଥିବା ନୂଆ ଅଟ୍ଟାଳିକାରେ ତାଙ୍କ ସ୍ତ୍ରୀ ସହ ରହୁଥିଲେ। ତେବେ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମତାନ୍ତର ଲାଗି ରହୁଥିଲା। ଫଗୁ ରାଗରେ ନିର୍ମାଣାଧୀନ ଅଟ୍ଟାଳିକାରେ ରଶି ଲଗାଇ ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କେତେଜଣ ଯୁବକ ତାଙ୍କୁ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ତ୍ରିରଙ୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଣିହାଁ,୧୯।୧୨(ଡି.ଏନ.ଏ.)

କଣିହାଁ ବ୍ଲକ ଡେରଙ୍ଗ ମଝିସାହିରେ ଚାଲିଥିବା ତ୍ରିରଙ୍ଗା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଗୁରୁଜାଙ୍ଗ ଦଳ ଓ ଜରଡା ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଗୁରୁଜାଙ୍ଗ ଦଳ ଚାମ୍ପିୟନ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଟୁର୍ନାମେଣ୍ଟ ଭାବେ ବିଜୟୀ ଦଳର ରୁପକ ସାହୁ ବିବେଚିତ ହୋଇଥିଲେ। ଅନିଲ ଓ ସୁଶୀଲ ଖେଳ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଭାଜପା ନେତା ଅଶୋକ ମହାନ୍ତି, ତ୍ରିପୁରାରୀ ପ୍ରଧାନ, ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ ନାଏକଙ୍କ ସମେତ ସାମାଜିକ କର୍ମୀମାନେ ଯୋଗଦାନ କରିଥିଲେ। କ୍ଲବ ସଭାପତି ବିଚ୍ଛନ୍ଦ ଚରଣ ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁଙ୍କ ପରିଚାଳନା କରିଥିଲେ।



# ଆଧାର ସହାୟତା କେନ୍ଦ୍ର ଖୋଲିଲା



ଆଧାର ସହାୟତା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ଢେଙ୍କାନାଳ ଅଫିସ,୧୯।୧୨

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ କାମାକ୍ଷାନଗର ବ୍ଲକ ବଡସୁଆଁଳ ଉଚ୍ଚ ବିଦ୍ୟାଳୟ ପଡିଆରେ ରବିବାର ବିଶାଳ ଯୁଆଙ୍ଗ ମେଳାର ଆୟୋଜନ ଅବସରରେ ସରକାରଙ୍କ ଆଧାର କାର୍ଯ୍ୟକୁ ବ୍ୟାପକ କରିବା ନିମନ୍ତେ ସେଠାରେ ଏକ ଆଧାରା ସହାୟତା କେନ୍ଦ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ବର୍ତ୍ତମାନ ଚାଲିଥିବା ଆଧାର ଅପଡେଶନ କାର୍ଯ୍ୟକ୍ରମରେ ସାମିଲ ହୋଇ ସମସ୍ତେ ନିଜ ନିଜର ଆଧାରକୁ ନିକଟସ୍ଥ ବ୍ଲକ, ପୌର କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ବ୍ୟାଙ୍କ ଶାଖା ଗୁଡିକରେ ଥିବା ଆଧାର କେନ୍ଦ୍ରରେ ଅପଡେଟ୍ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ବଇଣ୍ଡା,୧୯।୧୨(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ଲୁହାମୁଣ୍ଡା ନିକଟରେ ସୋମବାର ଗ୍ରାହକ ସେବାକେନ୍ଦ୍ର କର୍ମଚାରୀ ଆଶୀର୍ବାଦ ଦାସଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କଠାରୁ ୭୦ ହଜାର ଟଙ୍କା ଲୁଟି ନେଇଥିବା ଆଶୀର୍ବାଦ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଆଶୀର୍ବାଦ ହଣ୍ଡପାଠାରେ ଥିବା ଷ୍ଟେଟ୍ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରେ କାମ କରୁଛନ୍ତି। ସୋମବାର ବଇଣ୍ଡା ଷ୍ଟେଟ୍ ବ୍ୟାଙ୍କରୁ ସେ ୭୦ ହଜାର ଟଙ୍କା ଉଠାଣ କରି ହଣ୍ଡପା ଅଭିମୁଖେ ଯାଉଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ହିଂସା ନିୟନ୍ତ୍ରଣ ସଚେତନତା ଶିବିର

ଢେଙ୍କାନାଳ ଅଫିସ,୧୯।୧୨

ଓଡ଼ାପଡ଼ା ବ୍ଲକ ରଞ୍ଜାସିଂହା ପ୍ରାଥମିକ ବିଦ୍ୟାଳୟରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ତରଫରୁ ମହିଳା ଓ ଶିଶୁ କନ୍ୟା ବିରୋଧି ହିଂସା ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ବସନ୍ତ କୁମାର ରଥ, ଶୋଭା ଅନୁଷ୍ଠାନ ପରିଚାଳକ ପ୍ରଶାନ୍ତ କୁମାର ଦାସ ଯୋଗଦେଇ ସମାଜରେ ମହିଳା ତଥା ଶିଶୁକନ୍ୟାମାନେ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ନେଇ ଆଲୋଚନା କରିଥିଲେ। ଏହାପରେ କେନ୍ଦ୍ର ପ୍ରଶାସିକା ଭାଗ୍ୟଶ୍ରୀ ମହାନ୍ତି ଯୌତୁକଜନିତ ନିର୍ଯାତନା, ଘରୋଇ ହିଂସା, କନ୍ୟା ଭ୍ରୁଣହତ୍ୟା, ବାଲ୍ୟବିବାହ ଉପରେ ଆଲୋକପାତ କରିଥିଲେ। କେସ୍ ୱାର୍କର ଗୀତାଞ୍ଜଳି ମହାନ୍ତି ସଖୀ କିପରି ମହିଳାମାନଙ୍କୁ ହିଂସାରୁ ରକ୍ଷା କରିବାରେ ସହାୟତା କରୁଛି, ସେ ନେଇ ଆଲୋଚନା କରିଥିଲେ। ସଭାରେ ରଞ୍ଜାସିଂହା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗ୍ରାମବାସୀ ଏବଂ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଯୋଗ ଦେଇଥିଲେ। ସଭାକୁ ସଖୀ କେନ୍ଦ୍ରର ପ୍ରଶାସିକା ଭାଗ୍ୟଶ୍ରୀ ମହାନ୍ତି ପରିଚାଳନା କରିଥିଲେ।



# ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା

**ସାତକୋଶିଆ ଇକୋ ରିଟ୍ରିଟ୍ କେନ୍ଦ୍ରରେ ନିୟୋଜିତ ଥିଲେ**

ନରସିଂହପୁର,୧୯।୧୨(ସ୍ୱ.ପ୍ର.)

କଟକ ଜିଲା ନରସିଂହପୁର ବ୍ଲକ ବାଲିପୁଟସ୍ଥିତ ମହାନଦୀ କୂଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖୋଲାଯାଇଥିବା ସାତକୋଶିଆ ଇକୋ ରିଟ୍ରିଟ କେନ୍ଦ୍ରରେ ନିୟୋଜିତ ଜଣେ ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଶୁକ୍ରବାର ପୂର୍ବାହ୍ନରେ ହତ୍ୟା କରାଯାଇଛି। ସେ ହେଲେ ନିକଟସ୍ଥ କାନପୁର ଥାନା ଅଧୀନ ଜଳକେଳି ଗ୍ରାମର ମିଲି ନାଏକ (୩୨)। ସେ ବିବାହିତା ଏବଂ ଏକ ଠିକାସଂସ୍ଥା ଦ୍ୱାରା ଇକୋ ରିଟ୍ରିଟ୍ କେନ୍ଦ୍ରରେ ନିୟୋଜିତ ଥିଲେ। ପ୍ରେମ ବ୍ୟାପାରକୁ ନେଇ ନରସିଂହପୁର ଥାନା ଅଧୀନ କାଠଖୁଣ୍ଟ ଗ୍ରାମର ଜଗା ନାଏକ (୨୮) ମିଲିଙ୍କୁ ହତ୍ୟା କରିଥିବା ଯୋଉମୁ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ସେଠୀ କହିଛନ୍ତି।

ସୂଚନା ମୁତାବକ, ମିଲି ଶୁକ୍ରବାର ସକାଳେ ଇକୋ ରିଟ୍ରିଟ୍ କେନ୍ଦ୍ରରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଜଗା ସେଠାରେ ପହଞ୍ଚି କିଛି ସମୟ କଥାବାର୍ତ୍ତା କରିଥିଲେ। ଏହାପରେ ହଠାତ୍ ଲୁଚାଇ ରଖିଥିବା ଏକ କଟୁରିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ପଳାଇ ଯାଇଥିଲେ। ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିବାରୁ ସେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ। ଇକୋ ରିଟ୍ରିଟ୍ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ନିକଟସ୍ଥ ଯୋଉମୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ହସ୍ପିଟାଲକୁ ପଠାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିଲିଙ୍କ ମୃତ୍ୟୁ ଘଟିଛି। ଏନେଇ ଇକୋ ରିଟ୍ରିଟ୍‌ର ପରିଚାଳକଙ୍କ ଏତଲା ଅନୁଯାୟୀ, ନରସିଂହପୁର ଥାନାରେ ୨୮୩/୨୨ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ଏହି ଥାନା ଅଧୀନ ଯୋଉମୁ ଫାଣ୍ଡି ଅଧିକାରୀ ସେଠୀ କହିଛନ୍ତି, ଅଭିଯୁକ୍ତ ଜଗା ନାଏକଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି। ପ୍ରେମ ବ୍ୟାପାରକୁ ନେଇ ମିଲିଙ୍କୁ ହତ୍ୟା କରିଛି ବୋଲି ଜଗା ସ୍ୱୀକାର କରିଥିବା ଫାଣ୍ଡି ଅଧିକାରୀ ସେଠୀ କହିଛନ୍ତି।

# ଜୟ ମା' ଦୁର୍ଗା କ୍ରିକେଟ: ସିଂହଡ଼ା ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

ପରଜଙ୍ଗ,୧୯।୧୨(ଡି.ଏନ.ଏ.)

ପରଜଙ୍ଗ ବ୍ଲକ କୁସୁମୀ ପଞ୍ଚାୟତ ଇଟା ଖେଳପଡିଆ ଠାରେ ଜୟ ମା ଦୁର୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ କୁସୁମୀ ଓ ସିଂହଡା ମଧ୍ୟରେ ହୋଇଥିଲା। ପ୍ରଥମେ କୁମୁସୀ ବ୍ୟାଟିଂ କରି ୫୫ ରନ କରିଥିଲା। ଜବାବରେ ସିଂହଡା ୫୬ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ନେତା ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଛାୟତ, ପ୍ରଭାତ କୁମାର ନାଏକ, ଲୁଲୁ ବେହେରା ଯୋଗଦାନ କରି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ନରେନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁନୀଲ ପଣ୍ଡା, କାରଣ ବେହେରା ପରିଚାଳନା କରିଥିଲେ। ସରୋଜ ମହାରଣା, ବୁଲୁ ପୃଷ୍ଟି ସ୍କୋର ଦାୟିତ୍ୱ ତୁଲାଇ ଥିଲେ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ

ମାଧପୁର, ୧୯।୧୨

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ଶକ୍ତି କ୍ଲବ ଆନୁକୂଲ୍ୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମାହାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ନନ୍ଦ ହୋତା ଯୋଗଦେଇ ଶକ୍ତି ସଂରକ୍ଷଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପରାଶର ମେଣ୍ଡୁଲି ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ବଳରାମ ସାହୁ, ଶିକ୍ଷୟିତ୍ରୀ ଶୁଚିଶିଳା ମହାଖୁଡ, ରମାବତୀ ସାହୁ, ମଧୁସ୍ମିତା ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

